# MoS inaugurates a philately exhibition on ‘India and the UN: A Postal History’ to mark the 75th UN Day

October 24, 2020

---

# 75ତମ ଜାତିସଂଘ ଦିବସକୁ ସ୍ମରଣୀୟ କରିବା ପାଇଁ "ଭାରତ ଓ ଜାତିସଂଘ: ଏକ ଡାକ ଇତିହାସ" ଉପରେ ଏକ ଡାକ ଟିକଟ ସଂଗ୍ରହ ପ୍ରଦର୍ଶନୀକୁ ଉଦ୍‌ଘାଟନ କଲେ ରାଜ୍ୟ ମନ୍ତ୍ରୀ

24 ଅକ୍ଟୋବର, 2020

75ତମ ଜାତିସଂଘ ଦିବସ ଅବସରରେ, ମାନନୀୟ ବୈଦେଶିକ ବ୍ୟାପାର ରାଜ୍ୟ ମନ୍ତ୍ରୀ, ଶ୍ରୀ ଭି. ମୂରଲୀଧରନ୍, 24 ଅକ୍ଟୋବର 2020କୁ ମୁଖ୍ୟ ଅତିଥି ଭାବରେ ନିଜର ଅଭିଭାଷଣ ପ୍ରଦାନ କରିବା ସହ "ଭାରତ ଓ ଜାତିସଂଘ: ଏକ ଡାକ ଇତିହାସ"ଉପରେ ଏକ ଡାକ ଟିକଟ ସଂଗ୍ରହ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି। ଭାରତରେ ଜାତିସଂଘ ଦ୍ୱାରା ଆୟୋଜିତ ଏକ ଭର୍ଚୁଅଲ୍ କାର୍ଯ୍ୟକ୍ରମବେଳେ ଏହା କରାଯାଇଥିଲା।

ମାନନୀୟ ବୈଦେଶିକ ବ୍ୟାପାର ରାଜ୍ୟ ମନ୍ତ୍ରୀ, ଶ୍ରୀ ଭି. ମୂରଲୀଧରନ୍ ନିଜ ଭାଷଣରେ ବିଗତ ସାତ ଦଶନ୍ଧିରୁ ଜାତିସଂଘର କାର୍ଯ୍ୟରେ ଭାରତର ବହୁମୁଖୀ ଅନୁଦାନ ଉପରେ ଆଲୋକପାତ କରିଥିଲେ। ମିଳିତ ଜାତିସଂଘରେ ଭାରତର ପ୍ରତିଶ୍ରୁତିବଦ୍ଧତାର ପୁଷ୍ଟି କରି ସେ କହିଥିଲେ ଯେ, ଭାରତ, ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ 2021-22ରୁ ନିଜର କାର୍ଯ୍ୟକାଳ ଅବଧିରେ ଜାତିସଂଘରେ ସଂସ୍କାର ଓ ପୁନରୁଦ୍ଧାର ନିମନ୍ତେ ଅନ୍ୟ ସମସ୍ତ ଦେଶ ସହିତ ମିଶି କାମ କରିବା ପାଇଁ ଇଚ୍ଛୁକ ଅଛି।

ନୂଆ ଦିଲ୍ଲୀ
24 ଅକ୍ଟୋବର, 2020

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.